# ତହସିଲଦାରଙ୍କ କାର୍ଯ୍ୟାଳୟ, ଠାକୁରମୁଣ୍ଡା, ମୟୂରଭଞ୍ଜ

ପତ୍ର ସଂଖ୍ୟା 2900 // ତା 01.12.2022 ରିଖ //

## ଦୀର୍ଘମିଆଦୀ ଲିଜ ନିମନ୍ତେ ନିଲାମ ଇସ୍ତାହାର

(ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି ଆଇନ 2016 ଓ ତତସମ୍ପୃକ୍ତ ଓଡିଶା ଲଘୁଖଣିଜ ଦ୍ରବ୍ୟରିହାତି ସଂଶୋଧନ ଆଇନ ଅନୁଯାୟୀ)

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଠାକୁରମୁଣ୍ଡା ତହସିଲ ଅନ୍ତର୍ଗତ ନିମ୍ନଲିଖିତ ଲଘୁ ଖଣିଜ ଉତ୍ସ (ସମ୍ପୂର୍ଣ୍ଣ ବିବରଣୀ ନିମ୍ନରେ ପ୍ରଦତ୍ତ) କୁ ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘ ମିଆଦୀ ଲିଜ୍ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଲିଜ୍ ରେ ଅଂଶଗ୍ରହଣ ପାଇଁ ଇଚ୍ଛୁକ ବ୍ୟକ୍ତିବିଶେଷ ଉତ୍ସ ଗୁଡିକୁ ପରିଦର୍ଶନ କରି ଏହାର ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରିବା ପରେ ଆବେଦନ କରିବା ବାଞ୍ଛନୀୟ ।ଲିଜ୍ ନେବା ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rule-2016 ଏବଂ ଏହାର Amendment Rule ମୁତାବକ ନିମ୍ନଲିଖିତ ଆବଶ୍ୟକୀୟ କାଗଜାତ Sealed Cover ରେ ଆବେଦନ କରିବେ ।

## ଆବଶ୍ୟକୀୟ ଦସ୍ତାବିଜ୍

| | |
|---|---|
| 1 | OMMC Rule-2016 ଅନ୍ତର୍ଗତ ନିର୍ଭୁଲ ଭାବରେ ପୂରଣ ହୋଇଥିବା ଏବଂ ଦରଖାସ୍ତକାରୀଙ୍କ ଦ୍ୱାରା ଦସ୍ତଖତ କରାଯାଇଥିବା ୩ କିତା **Form-M (3 Copies)** ଦାଖଲ କରିବେ । |
| 2 | ଦରଖାସ୍ତ ଫି, ବାବଦକୁ ଟ. ୧୦୦୦.୦୦ (ଏକ ହଜାର) ଟଙ୍କାର ଟ୍ରେଜେରୀ ଚାଲାଣ **(Head of Account-0853-Non-Ferrous Mining and Meterological Industires-102-Mineral Concession Fees, Rent and Royalties-0217 received under Odisha Minor Mineral Concession Fees (New)-02021-Collection of Fees, Rents and Royalties (New)** ଦାଖଲ କରିବେ ଏବଂ ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ । |
| 3 | ଉତ୍ସର ନାମ, ତଫସିଲ ଏବଂ ସରହଦ ବିବରଣୀ ସଂଲଗ୍ନ କରିବା ହେବେ । |
| 4 | ଦରଖାସ୍ତକାରୀଙ୍କ ନାମରେ **Minesand Minerals (Development & Regulation Act 1957 & OMMC Rule-2016)** ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ଏବଂ ରାଜସ୍ୱ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ ଦାଖଲ କରିବେ । |
| 5 | ଦରଖାସ୍ତକାରୀ ଗତବର୍ଷର ଆୟକର ଦାଖଲ(Income Tax Return Filing) ବିବରଣୀର ନକଲ ଦାଖଲ କରିବେ କିମ୍ବା ବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee) (ଯେକୌଣସି ଗୋଟିଏ ସମ୍ପୂର୍ଣ୍ଣ ଅର୍ଥର)ଦାଖଲ କରିବେ ଯାହାର ସର୍ବନିମ୍ନ ମୂଲ୍ୟ ସଇରାତ ଉତ୍ସର ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ **(Mining Guaranteed Quantity for 1st Yearas specified in Mining Plan*) x (Royalty + Offered Additional Charges by participant)** ହେବା ଆବଶ୍ୟକ ।<br>ଉଦାହରଣ<br>**Bank Guarantee/Solvency = MGQ of that Quarry for 1st Year as specified in Mining Plan x (Offered Additional Charges by the Participant + Royalty)** |

ତହସିଲଦାର, ଠାକୁରମୁଣ୍ଡା

| | |
|---|---|
| 6 | ଦରଖାସ୍ତକାରୀ ଆବେଦନ କରୁଥିବା ସଇରାତ ଉତ୍ସର EMD (Earnest Money Deposit) ବ୍ୟାଙ୍କ ଡ୍ରାଫ୍ଟ ହିସାବରେ ଜମା କରିବେ ଯାହାର ପରିମାଣ **(Minimum Guaranteed Quantity for 1$^{st}$ year as specified in Mining Plan*) x (Royalty + Additional Charges as per Notice)**ର ଶତକଡା ୫%ରହିବ । ଉକ୍ତ Bank Draft ତହସିଲଦାର, ଠାକୁରମୁଣ୍ଡାଙ୍କ ନାମରେ payable at S.B.I., କରଂଜିଆ Branch କରିବା ବାଞ୍ଛନୀୟ ନଚେତ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ । |
| 7 | ଦରଖାସ୍ତକାରୀ ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ସ୍ଥାବର ସମ୍ପତ୍ତି ତାଲିକା ଦାଖଲ କରିବେ । |
| 8 | ଦରଖାସ୍ତକାରୀ GST Clearance Certificate ସହିତ ବୈଧ GST Registration Certificate ର ନକଲ ଦାଖଲ କରିବେ । |
| 9 | ଦରଖାସ୍ତକାରୀ କୌଣସି ସଇରାତ ଉତ୍ସ ନିମନ୍ତେ ଆବେଦନ କରିବା ପୂର୍ବରୁ, ଉକ୍ତ ଉତ୍ସକୁ ପରିଦର୍ଶନ କରିଥିବାର ଏକ ସ୍ୱଘୋଷିତ ଲିଖିତନାମା (Self Declaration)ଦାଖଲ କରିବେ । |
| 10 | ଦରଖାସ୍ତକାରୀ ସଇରାତ ଉତ୍ସର **Mining Plan, EC Preparation & Sairat Advertising Cost, CTO +Registration & Stamp Duty** ର ସମସ୍ତ ଖର୍ଚ୍ଚ ବାବଦ ମୂଲ୍ୟ ଦେବା ନେଇ ଏକ ସତ୍ୟପାଠ ଦାଖଲ କରିବେ । |
| 11 | ଦରଖାସ୍ତକାରୀ ବନ୍ଦ ଲଫାପାରେ ଉପରି ଭାଗରେ ବଡ ଅକ୍ଷରରେ କେଉଁ ସଇରାତ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନକାରୀଙ୍କ ନାମ, ଠିକଣା ଓ ଫୋନ ନମ୍ବର ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ । ନଚେତ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ । |
| 12 | ଆବେଦନକାରୀ ନିଜର ଭୋଟ ପରିଚୟ ପତ୍ର, ଆଧାର କାର୍ଡ, ପାନ କାର୍ଡ ର ନକଲ ଦସ୍ତଖତ ସହିତ ସଂଲଗ୍ନ କରିବେ । |
| 13 | ଆବଶ୍ୟକ ସ୍ଥଳେ ଯଦି ସଇରାତ ଉତ୍ସର MGQ ପରିବର୍ତ୍ତନ କରିବା ଆବଶ୍ୟକ ହୁଏ, ତେବେ ଆବେଦନକାରୀ ସଇରାତ ଉତ୍ସର Revised Mining Plan ଓ Revised Environment Clearance ର ସମସ୍ତ ଖର୍ଚ୍ଚ ବାବଦ ମୂଲ୍ୟ ଦେବା ପାଇଁ ସତ୍ୟପାଠ ଦାଖଲ କରିବେ, ନଚେତ ଦରଖାସ୍ତଟିକୁ ଅସମ୍ପୂର୍ଣ୍ଣ ବିବେଚନା କରାଯିବ । |

**# ଉପରୋକ୍ତ ଦସ୍ତାବିଜରୁ କୌଣସି ଗୋଟିଏ କାଗଜାତ ନ ଥିଲେ ଆବେଦନକାରୀଙ୍କ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।**

ଉପରୋକ୍ତ କାଗଜାତ ସହ ଦରଖାସ୍ତକୁ ଜଉମୁଦ ଲଫାପାରେ Registered Post କିମ୍ବା Speed Post ଯୋଗେ ନିମ୍ନଲିଖିତ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା ଜଉମୁଦ ଦିଆ ଟେଣ୍ଡର ବକ୍ସରେ ତା. ୦୫.୧୨.୨୦୨୨ ରିଖ ପୂର୍ବାହ୍ନ ଘ. ୧୦.୦୦ ଟିକା ଠାରୁ ତା ୨୬.୧୨.୨୦୨୨ ରିଖ ଅପରାହ୍ନ ଘ. ୫.୩୦ ଟିକା ଯେକୌଣସି କାର୍ଯ୍ୟ ଦିବସରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ପରିଧି ମଧ୍ୟରେ ପକାଇବା ଆବଶ୍ୟକ । ଲଫାପା ଉପରେ ସଇରାତ ଉତ୍ସର ନାମ ଓ ସଇରାତ କେଶ ନମ୍ବର ଲେଖାଥିବା ଆବଶ୍ୟକ । ନିଲାମ ଧାର୍ଯ୍ୟ ତାରିଖର ପୂର୍ବ ଦିନ ଅପରାହ୍ନ ୫.୩୦ ଘଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ । କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ / ରଦ୍ଦ କରିବାର କ୍ଷମତା, ନିମ୍ନସ୍ୱାକ୍ଷରକାରୀ କିମ୍ବା ଜିଲ୍ଲାପାଳ, ମୟୂରଭଞ୍ଜଙ୍କର ରହିଅଛି । ତା ୨୬.୧୨.୨୦୨୨ ରିଖ ଅପରାହ୍ନ ଘ. ୫.୩୦ ଟିକା ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ । ତା ୨୭.୧୨.୨୦୨୨ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ଠାରେ ଆବେଦନ କରାଯାଇଥିବା ଦରଖାସ୍ତ ଗୁଡିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ବକ୍ସ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତଗୁଡିକୁ ତନଖି କରାଯିବ ଏବଂ OMMC Rule-2016 ଅନୁଯାୟୀ ସମସ୍ତ ସର୍ତ୍ତାବଳୀକୁ ପୂରଣ କରୁଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯାଇ ତନ୍ମଧ୍ୟରୁ ସର୍ବୋଚ୍ଚ ଦର ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକୁ ବାତିଲ କରିଦିଆଯିବ ।

ଯଦି ସଇରାତ ଉତ୍ସ ଉପରୋକ୍ତ ଦିବସରେ ନିଲାମ ନ ହୋଇପାରେ ତେବେ ତାହା ତା ୨୮.୧୨.୨୦୨୨ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟଠାରେ ଆବେଦନ କରାଯାଇଥିବା ଦରଖାସ୍ତ ଗୁଡିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ବକ୍ସ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତଗୁଡିକୁ ତନଖି କରାଯିବ ।

ତହସିଲଦାର, ଠାକୁରମୁଣ୍ଡା

# ସର୍ତ୍ତାବଳୀ

| | |
|---|---|
| 1 | ଆବେଦନକାରୀମାନେ OMMC Rule-2016 ଏବଂ ଏହାର Amendment Rule ର ପରିସରଭୁକ୍ତ ରହିବେ ଏବଂ ସମୟାନୁକ୍ରମେ ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥିବା ଅନ୍ୟାନ୍ୟ ନୀତିନିୟମକୁ ମାନିବାକୁ ବାଧ ହେବେ ଓ ଅଦାଲତଙ୍କ ଆଦେଶ ମାନିବାକୁ ବାଧ ହେବ । |
| 2 | ଆବେଦନକାରୀ ଲିଜ ପାଇଁ ଉଦ୍ଦିଷ୍ଟ ନିଲାମରେ ଭାଗ ନେବା ପୂର୍ବରୁ ବାଲି ଉତ୍ସ ଟିକୁ ପରିଦର୍ଶନ କରି ସଇରାତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଏହି ଲିଜ ଉଦ୍ଦିଷ୍ଟ ନିଲାମରେ ଅଂଶଗ୍ରହଣ କରିବେ । ଲିଜ ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ ଏବଂ ସେଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । |
| 3 | ଲିଜ ଧାରୀ Mining Plan, EC ଏବଂ Advertising ର ମୂଲ୍ୟ ଦାଖଲ କରିବେ ନଚେତ ଲିଜ ବାତିଲ କରାଯିବ । ସର୍ବୋଚ୍ଚ ନିଲାମଧାରୀ ବାଲି ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (Consent to operate) ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ରୁ (Odisha Pollution Control Board) ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ । |
| 4 | ବାଲି ସଇରାତ ଉତ୍ସ ପାଇଁ ଘନମିଟର (Per Cubic Metre) ପ୍ରତି ସର୍ବନିମ୍ନ ସରକାରୀ ରୟାଲଟି ମୂଲ୍ୟ ଏବଂ ସର୍ବନିମ୍ନ ଅତିରିକ୍ତ ଦେୟ (Additional Charge) ର ମୂଲ୍ୟ (ସମ୍ପୂର୍ଣ୍ଣ ବିବରଣୀ ନିମ୍ନରେ ପ୍ରଦତ୍ତ) କରାଯାଇଛି । |
| 5 | ସରକାରୀ ଭାବେ ଘନମିଟର ପ୍ରତି ଧାର୍ଯ୍ୟ ସର୍ବନିମ୍ନ ଅତିରିକ୍ତ ଦେୟ (Minimum Additional Charge) ଏବଂ Royalty ର ଦରଠାରୁ କମ ଦରରେ ଦରଖାସ୍ତ କରିଥିବା କିମ୍ବା ଆବଶ୍ୟକୀୟ ଦଲିଲ ସଂଲଗ୍ନ ନକରିଥିବା ଦରଖାସ୍ତକାରୀଙ୍କ ଦରଖାସ୍ତ ଖାରଜ କରି ଦିଆଯିବ । |
| 6 | ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସଇରାତ ଉତ୍ସ ନିମନ୍ତେ ସମାନ **Additional Charge** ମୂଲ୍ୟ ଦର୍ଶାଇଥାନ୍ତି ତେବେ ଲଟେରୀ (By Draw of Lots) ମାଧ୍ୟମରେ ଯୋଗ୍ୟ ବିବେଚିତ କରାଯିବ । |
| 7 | ଯଦି ଉକ୍ତ ଉତ୍ସ ନିମନ୍ତେ କେବଳ ଗୋଟିଏ ମାତ୍ର ଦରଖାସ୍ତ ଗ୍ରହଣ ହୋଇଥିବ ତେବେ ସେହି ଉତ୍ସ ପାଇଁ ନିଲାମ କରାଯିବ ନାହିଁ । |
| 8 | ଚୟନ କରାଯାଇଥିବା ନିଲାମଧାରୀଙ୍କୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ Form-F ମାଧ୍ୟମରେ ଚୟନ ସମ୍ବନ୍ଧୀୟ ତଥ୍ୟ ଏବଂ ସଇରାତ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ସର୍ତ୍ତାବଳୀ ଯୋଗାଇ ଦିଆଯିବ । ଏହି Form-F ପାଇବାର ୧୫ ଦିନ ମଧ୍ୟରେ ଚୟନ ହୋଇଥିବା ନିଲାମଧାରୀ ନିଲାମ ନେବା ନେଇ ନିଜର ସ୍ୱୀକୃତି ପ୍ରଦାନ କରିବେ ଏବଂ ବାର୍ଷିକ ଦେୟ **[{(Minimum Guaranteed Quantity as per Mining Plan*) x (Royalty+ Offered Additional Charges)} + (District Mineral Foundation)]**ର ଏକ ଚତୁର୍ଥାଂଶ Earnest Money କୁ ବାଦ ଦେଇ ବଳକା ରାଶିର ପରିମାଣ ଜମା କରିବେ ଏବଂ ଏଥି ସହ ପୂର୍ବରୁ ଦାଖଲ ହୋଇଥିବା **Earnest Money** କୁ ଏକତ୍ର କରି ସୁଧ ରହିତ ଅମାନତ ରାଶି (Security Deposit) ଭାବରେ ରଖାଯିବ । ଅମାନତ ରାଶିର ପରିମାଣ ଲିଜ ଫାଇନାଲ ହେବା ପରେ ସ୍ଥିର କରାଯିବ । **ଯଦି ମନୋନୀତ ବ୍ୟକ୍ତି ୧୫ ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି ଏବଂ ଅମାନତ ରାଶି ପଇଠ ନ କରନ୍ତି, ତେବେ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ଏବଂ ନିଲାମଧାରୀଙ୍କ Earnest Money କୁ ବାଜ୍ୟାପ୍ତ କରାଯିବ । ନୀଲାମଧାରୀଙ୍କ ସ୍ୱୀକୃତି ପରେ ନିଲାମ ପ୍ରକ୍ରିୟାରେ ଅଂଶ ଗ୍ରହଣ କରି ଅଯୋଗ୍ୟ ବିବେଚିତ ହୋଇଥିବା ଆବେଦନକାରୀଙ୍କ Earnest Money କୁ ଫେରସ୍ତ କରିଦିଆଯିବ ।**<br>**ଯଦି ଦ୍ୱୀତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥ ରାଶି ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଅର୍ଥ ରାଶି ଠାରୁ ଅତିକମ ହୋଇଥାଏ ତେବେ ଲିଜ ପ୍ରକ୍ରିୟାକୁ ରଦ୍ଦ କରାଯାଇ Controlling Authority ଙ୍କ ଅନୁମତିକ୍ରମେ ନୂତନରୂପେ ନିଲାମ କରାଯିବ ।** |
| 9 | ସେହିଭଳି ଲିଜଧାରୀଙ୍କୁ ଆଗାମୀ **7 ସାତଦିନ** ମଧ୍ୟରେ ପ୍ରଥମ ବର୍ଷର ପରିମାଣ **(MGQ AS PER SEIAA APPROVED)** ଅନୁଯାୟୀ ବକେୟା ଥିବା ସମସ୍ତ ଦେୟ ଯଥା **Royalty, Additional Charge, Dead Rent, Surface Rent, DMF, EMF ଓ ଅନ୍ୟାନ୍ୟ ଦେୟର OMMC Rules -2016** ନିୟମାବଳୀ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ପଇଠ କରିବେ ଏବଂ ଏ ସମସ୍ତ ଦେୟର ୨% ଆୟକର (TDS)ବାବଦକୁ ଜମା କରିବେ ।<br>• ଲିଜଧାରୀ ସରକାରଙ୍କ ଦ୍ୱାରା ସମୟାନୁକ୍ରମେ ଧାର୍ଯ୍ୟ ମୂଲ୍ୟ ଅନୁସାରେ DMF, EMF ଓ ଅନ୍ୟାନ୍ୟ ଶୁଳ୍କ ପଇଠ କରିବା ନିମନ୍ତେ ବାଧ ହେବେ । |

ତହସିଲଦାର, ଠାକୁରମୁଣ୍ଡା

| | |
|---|---|
| 10 | ନିଲାମଧାରୀ ସମସ୍ତ ବକେୟା ଥିବା ଦେୟ ଜମା କରିବା ପରେ ସେ Form – N ରେ ଚୁକ୍ତିପତ୍ର ସ୍ୱାକ୍ଷର କରିବା ସହ ନିଜ ଖର୍ଚ୍ଚରେ ଏହାର ରେଜେଷ୍ଟ୍ରି **(Registration Act-1908 and Stamp Act- 1890 & 1899 ଅନୁଯାୟୀ)** ସମ୍ପାଦନ କରିବେ ଏବଂ ଏଥି ପାଇଁ ଉଦ୍ଦିଷ୍ଟ ସମସ୍ତଖର୍ଚ୍ଚ ଲିଜଧାରୀ ବହନ କରିବେ । ଯଦି ନିୟୋଜିତ ଦରଖାସ୍ତକାରୀ ଚୁକ୍ତି ସମ୍ପାଦନ ପୂର୍ବରୁ ନିର୍ଦ୍ଧାରିତ ମୂଲ୍ୟ ଜମା ନ କରନ୍ତି, ତେବେ ତାଙ୍କର EMD ଓ ଜମା କରିଥିବା ରାଶି ବ୍ୟାଜାପ୍ତି କରି ସରକାରଙ୍କ ନିଜଟରେ ଜମା ଦିଆଯିବ । ପରବର୍ତ୍ତୀ ବର୍ଷ ଗୁଡିକ ପାଇଁ ପ୍ରତ୍ୟେକ ବର୍ଷ ଆର୍ଥିକ ବର୍ଷ (Financial Year) ଅବଧି ଶେଷ ହେବାର 2 ମାସ ପୂର୍ବରୁ ଦେୟ ପଇଠ କରିବେ । |
| 11 | OMMC Rules -2016 ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇଥିବା ଜମା ରାଶି ବ୍ୟାଜାପ୍ତି କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିବ । |
| 12 | ଲିଜଧାରୀ ପ୍ରତ୍ୟେକ ବର୍ଷ ଧାର୍ଯ୍ୟ କରାଯାଇଥିବା ସଇରାତ ଉତ୍ସର ସମସ୍ତ ଦେୟ ଯଥା **Royalty, Additional Charge, Dead Rent, Surface Rent, DMF, EMF ଓ ଅନ୍ୟାନ୍ୟ ଦେୟର OMMC Rules -2016** ନିୟମାବଳୀ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ପଇଠ କରିବେ ଏବଂ ଏ ସମସ୍ତ ଦେୟର ୨% ଆୟକର (TDS) ବାବଦକୁ ଜମା କରିବେ । |
| 13 | ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ବାଡ ଦେଇ ଚିହ୍ନଟ କରିବେ ଏବଂ ତାହା ସାମ୍ନାରେ ଫଳକ (Display Board) ଏବଂ ଆବଶ୍ୟକ ବ୍ୟବସ୍ଥା କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ପାଇଁ ସମସ୍ତ ଖର୍ଚ୍ଚ ଲିଜଧାରୀ ବହନ କରିବେ । |
| 14 | ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ବାଲି ଉଠାଇ ପାରିବେ ନାହିଁ । |
| 15 | ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ ଓ ଅନ୍ୟାନ୍ୟ କାଗଜାତ ଠାକୁରମୁଣ୍ଡା ତହସିଲ କାର୍ଯ୍ୟାଳୟ ରେ ଛୁଟିଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ପାଇ ପାରିବେ । ଏହି ଇସ୍ତାହାରର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ସରକାରୀ ୱେବସାଇଟ **mayurbhanj.nic.in** ରେ ଦେଖିପାରିବେ । |
| 16 | ନିଲାମ ଦରଖାସ୍ତକାରୀମାନେ ଓଡିଶା ଲଘୁ ଖଣିଜ ନିୟମ ୨୦୧୬ (OMMC Rules -2016) ଏବଂ ତତ୍ ସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ୍ୟ ହେବେ । |
| 17 | ଲିଜଧାରୀ Mines Act – 1952 ଓ Odisha Sand Policy, 2021 ର ସମସ୍ତ ନିୟମ ଓ ନିୟମାବଳୀର ପରିସରଭୁକ୍ତ ରହିବେ । |
| 18 | ଲିଜ ପ୍ରଦାନ ପରେ ସୈରାତ ଉତ୍ସର କ୍ଷେତ୍ରର ପରିବର୍ତ୍ତନ କରାଯାଇ ପାରିବ ନାହିଁ ଓ ନିଲାମଧାରୀ ଉତ୍ତୋଳିତ ଲଘୁ ଖଣିଜ ଦ୍ରବ୍ୟକୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ବିନା ଅନୁମତିରେ ରାଜ୍ୟ ବାହାରକୁ ଚାଲାଣ କରିପାରିବେ ନାହିଁ । |
| 19 | ଲିଜଧାରୀ ଜଳସେଚନ ବିଭାଗର ସମସ୍ତ ନିୟମ ଓ ସର୍ତ୍ତାବଳୀ ମାନିବାକୁ ବାଧ୍ୟ ହେବେ । |
| 20 | ଲିଜଧାରୀ ଏକ ସ୍ୱତନ୍ତ୍ର ରେଜିଷ୍ଟରରେ ପ୍ରତ୍ୟେକ ଦିନ ଉତ୍ତୋଳନ ଓ ପରିବହନ ହେଉଥିବା ଲଘୁଖଣିଜ ଦ୍ରବ୍ୟ ହିସାବ ଲିପିବଦ୍ଧ କରିବା ସହିତ ଲଘୁ ଖଣିଜ ଉତ୍ତୋଳନ ଏବଂ ପରିବହନ ର ତ୍ରୟମାସିକ ଓ ବାର୍ଷିକ ହିସାବ ଏହି କାର୍ଯ୍ୟାଳୟରେ ଦାଖଲ କରିବେ । |
| 21 | ଲିଜଧାରୀ ସୈରାତ ଉତ୍ସର **Mining Plan, E.C. Preparation, Sairat Advertisement, consent to operate certificate from State Pollution Control Board.** ଇତ୍ୟାଦିର ସମସ୍ତ ଖର୍ଚ୍ଚ ବହନ କରିବେ । |
| 22 | ଯଦି ଉକ୍ତ ନିଲାମ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ସଂଶୋଧନ କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି ଏବଂ କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ ବାତିଲ ବା ସ୍ଥଗିତ କରିପାରିବେ । |
| 23 | ଲିଜ ଅବଧି ମଧ୍ୟରେ ଲିଜଧାରୀ ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀର ଉଲଂଘନ କଲେ, ତାଙ୍କ ଲିଜ ରଦ୍ଦ କରିବା ସଙ୍ଗେ ସଙ୍ଗେ ଜମାରାଶିକୁ ବ୍ୟାଜାପ୍ତ କରାଯିବ |
| 24 | ଲିଜଧାରୀ ସୈରାତ ଉତ୍ସର Mining Plan, SEIAA ଏବଂ State Pollution Control Board ରେ ଉଲ୍ଲେଖ ସମସ୍ତ ନିୟମ / ସର୍ତ୍ତାବଳୀ ମାନିବାକୁ ବାଧ୍ୟ ହେବେ । |
| 25 | ଏତଦ୍ ବ୍ୟତୀତ ଅନ୍ୟ ଯେକୌଣସି ନିର୍ଦ୍ଦେଶ ନାମା ଉଚ୍ଚ କର୍ତ୍ତୃପକ୍ଷଙ୍କ ଠାରୁ ହସ୍ତଗତ ହୁଏ ତେବେ ଲିଜଧାରି ତାହା ମାନିବାକୁ ବାଧ୍ୟ ହେବେ । |

*** MGQ as per SEIAA approved**

ତହସିଲଦାର, ଠାକୁରମୁଣ୍ଡା

**ଲିଜ ପାଇଁ ଉଦ୍ଦିଷ୍ଟ ସୈରାତ ଉତ୍ସର ବିସ୍ତାରିତ ବିବରଣୀ ।**

| କ୍ରମିକ ସଂଖ୍ୟା | ସୈରାତ ଉତ୍ସର ନାମ ଓ କେସ ନଂ | ମୌଜାର ନାମ | ଖାତା ନଂ | ପ୍ଲଟ ନଂ | ରକବା | ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟ | | | ବାର୍ଷିକ ବାଲିଉଠାଇବାର ପରିମାଣ Cum.)ପ୍ରଥମ ବର୍ଷ ପାଇଁ ( | ମନ୍ତବ୍ୟ |
|---|---|---|---|---|---|---|---|---|---|---|
| | | | | | | Royalty | ଅତିରିକ୍ତ ଦେୟ | ମୋଟ | | |
| ୧ | ଖସାକୁଦରଓରିଓମ-ବାଲି ଖଦାନ TMC No. 22-2021/362 | ଖସାକୁଦର | 61 | 01 | ଏ 7.20 | ଟ. ୩୫-/ | ଟ-/୨୦୦. | ଟ-/୨୩୫ . | ୨୦୦୦ **cum.** | |
| | | ଓରିଆମ | 56 | 1/24<br>472 | ଏ 0.89<br>ଏ 4.26 | | | | | |
| | | ସର୍ବ ମୋଟ | | | ଏ 12.35 | | | | | |

**ଗୁରୁତ୍ୱପୂର୍ଣ୍ଣ ତାରିଖ**

୧. ଦରଖାସ୍ତ ଦାଖଲ କରିବାର ଶେଷ ତାରିଖ –**ତା ୨୬.୧୨.୨୦୨୨ ରିଖ ଅପରାହ୍ନ ଘ. ୫.୩୦ ଟିକା**

୨. ଟେଣ୍ଡର ବାକ୍ସ ଖୋଲିବାର ତାରିଖ –**ତା ୨୭.୧୨.୨୦୨୨ରିଖ ପୂର୍ବାହ୍ନ ଘ. ୧୧.୦୦ ଟିକା**

୩. କୌଣସି କାରଣ ବଶତଃ ତା ୨୭.୧୨.୨୦୨୨ ରିଖରେ ଟେଣ୍ଡର ବାକ୍ସ ଖୋଲା ନ ହୋଇପାରିଲେ ପରବର୍ତ୍ତୀ ତାରିଖ- **୨୮.୧୨.୨୦୨୨ ରିଖ ପୂର୍ବାହ୍ନ ଘ. ୧୧.୦୦ ଟିକା**

ଠିକଣା
ତହସିଲଦାରଙ୍କ କାର୍ଯ୍ୟାଳୟ, ଠାକୁରମୁଣ୍ଡା
ସା / ପୋ.ଅ./ଥାନା – ଠାକୁରମୁଣ୍ଡା,
ଜିଲ୍ଲା – ମୟୂରଭଞ୍ଜ, ପିନ – ୭୫୭୦୩୮

ତହସିଲଦାର, ଠାକୁରମୁଣ୍ଡା

ଜ୍ଞାପକ ସଂଖ୍ୟା **2901 (2)** //ତା **01.12.2022** ରିଖ//

ଏହାର ଏକକିତା ନକଲ ଜିଲ୍ଲାପାଳ,ମୟୂରଭଞ୍ଜ / ଉପ-ଜିଲ୍ଲାପାଳ, ପାଞ୍ଚପିଢ, କରଞ୍ଜିଆ ଙ୍କ କାର୍ଯ୍ୟାଳୟ ର ନୋଟିସ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଠାକୁରମୁଣ୍ଡା

ଜ୍ଞାପକ ସଂଖ୍ୟା **2902 (32)** //ତା **01.12.2022** ରିଖ//

ଏହାର ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଠାକୁରମୁଣ୍ଡା ଏବଂ ତହସିଲଦାର ଠାକୁରମୁଣ୍ଡା /କରଞ୍ଜିଆ /ଶୁକ୍ରୁଳି /ରାରୁଆଁ /ଯଶିପୁର / ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ / ସମସ୍ତ ଗ୍ରାମ ପଞ୍ଚାୟତର କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା । ତତସହିତ ସଂପୃକ୍ତ ଗ୍ରାମ ଏବଂ ସଇରାତ ସ୍ଥଳରେ ଜନସାଧାରଣଙ୍କ ଅବଗତି ଏବଂ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଠାକୁରମୁଣ୍ଡା

ଜ୍ଞାପକ ସଂଖ୍ୟା. **2903** //ତା **01.12.2022** ରିଖ//

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ମୟୂରଭଞ୍ଜ ଙ୍କୁ ଜିଲ୍ଲା website ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଠାକୁରମୁଣ୍ଡା
ତହସିଲଦାର, ଠାକୁରମୁଣ୍ଡା

# FORM – M
# APPLICATION FOR GRANT OF QUARRY LEASE
[See rule 27 (4)]

Dated.......... 20 ....

To

Tahasildar, Thakurmunda

Madam/ Sir,

1. I/We submit an application for a quarry lease for .................. (mineral) for a term of ......................years over ................... Hectares of land in the area specified in the Annexure given below.
2. A sum of Rs. .................. (rupees ................................................. ) only (non-refundable) payable as fee grant of such lease under Sub-rule (4) of rule 27 Odisha Minor Mineral Concession Rule, 20......... has been paid in the Government Treasury at ................................ and a receipted challan bearing No. ............................ dated .................. is enclosed.
3. The required particulars are given below:
   - i) An affidavit stating that no mining due payable under the Act and Rules made there under is outstanding against the applicant.
   - ii) Where land belongs to private persons, consent of all such persons for grant of quarry lease.
   - iii) Solvency certificate and list of immovable property from the Revenue Authority.
4. I) Name and address of the applicant:
   - II) Nationality of the applicant:
   - III) Profession of the applicant:
   - IV) Particulars of the areas, mineral wise, within the State for which the applicant or any person having joint interest with him ..................
     - a) Already holds a quarry lease ..........................................
     - b) Has already applied for a quarry lease but not granted ............
     - c) Being applied for simultaneously .......................................
     - d) Nature of joint interest, if any ...........................................
   - V) Means by which the minor minerals is/are to be raised, i.e. whether manual or mechanical .....................................................
   - VI) Manner in which the minor mineral raised is to be utilized:
     - a) For manufacture ........................................
     - b) For sale ....................................................
     - c) Any other purpose ......................................
   - VII) Details of the plan boundary description and land schedule of the area applied for to be enclosed.
   - VIII) Has the applicant any previous experience in quarry/mining? if yes, details should be given .....................................................
   - IX) Financial Resources of the applicant.
     - a) ........................................
     - b) ........................................

Supriya

ତହସିଲଦାର, ଠାକୁରମୁଣ୍ଡା

X) Total investment in the operation anticipated ..............................

XI) Any other particulars which the applicant wishes to furnish.
   a) Name of the village / Forest Block
   b) Whether the area belong to Schedule Area
   c) Details of the area applied for in each Survey Number
   d) Full description of the area applied for with regard to nature features
   e) District:

5. Rate of additional charged (per cubic meter) quoted:

N.B: The application shall be summarily rejected if the rate of additional charge quoted is less than the rate of additional charge specified in the notification.

I/We hereby declare that the particulars furnished above are correct and undertake to furnish any other details, plan etc., as may be required by you.

Place: Yours faithfully,

Date:

Signature of the applicant

**N.B: If the application is signed by an authorized agent of the applicant, the power of attorney should be attached.**

**ତହସିଲଦାରଙ୍କ କାର୍ଯ୍ୟାଳୟ, ଠାକୁରମୁଣ୍ଡା, ମୟୂରଭଞ୍ଜ**

**ବିଜ୍ଞପ୍ତି ସଂଖ୍ୟା 2900 //ତା 01.12.2022 ରିଖ//**

**ଲଘୁ ଖଣିଜ ଦ୍ରବ୍ୟଦୀର୍ଘ ମିଆଦି ଲିଜ୍ ନିମନ୍ତେ ବିଜ୍ଞାପନ**

ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ବ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଠାକୁରମୁଣ୍ଡା ତହସିଲର ୧ (ଏକ) ଗୋଟି ବାଲି ସୈରାତ କୁ ୫ (ପାଞ୍ଚ) ବର୍ଷ ନିମନ୍ତେ OMMC Rules-2016 ଅନୁଯାୟୀ ଦୀର୍ଘ ମିଆଦି ଲିଜ୍ ସୂତ୍ରେ ନେବାପାଇଁ ଦରଖାସ୍ତ ଆହ୍ବାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତିବିଶେଷ OMMC Rules-2016 ଅନୁଯାୟୀ Form-M ତିନିକିତା (3 Copies) ପୂରଣ କରି ଆସନ୍ତା ତା. ୦୫।୧୨।୨୦୨୨ରିଖ ପୂର୍ବାହ୍ନ ଘ. ୧୦.୦୦ ଟିକା ଠାରୁ ତା **୨୬।୧୨।୨୦୨୨ ରିଖ ଅପରାହ୍ନ ଘ. ୫.୩୦ ଟିକା ମଧ୍ୟରେ** (ଛୁଟିଦିନ ବ୍ୟତୀତ) ଆନୁସଙ୍ଗିକ ଦସ୍ତାବିଜ୍ ସଂଲଗ୍ନ କରି ଜଉମୁଦ ଦିଆଯାଇଥିବା ଲଫାପା (Sealed Cover Envelop) ରେ ଆବେଦନ କରୁଥିବା ଉତ୍ସର ନାମ ଉଲ୍ଲେଖ କରି Registered Post / Speed Post ଜରିଆରେ ତହସିଲଦାର, ଠାକୁରମୁଣ୍ଡା ଜିଲ୍ଲା- ମୟୂରଭଞ୍ଜଙ୍କ ଠିକଣାରେ କିମ୍ବା ତହସିଲଦାରଙ୍କ କାର୍ଯ୍ୟାଳୟର ଜଉମୁଦ ଦିଆ ଟେଣ୍ଡର ବାକ୍ସରେ ଦାଖଲ କରିପାରିବେ । ଉକ୍ତ ଟେଣ୍ଡର ବାକ୍ସ ତା. **୨୭।୧୨।୨୦୨୨ରିଖ ପୂର୍ବାହ୍ନ ଘ. ୧୧.୦୦ ଟିକା ସମୟରେ** ଟେଣ୍ଡର କମିଟି ତଥା ଆବେଦନକାରୀଙ୍କ ଉପସ୍ଥିତିରେ ଖୋଲାଯାଇ ନିଲାମ ପ୍ରକ୍ରିୟା ସମ୍ପାଦନ କରାଯିବ ।

ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ସମ୍ପର୍କରେ ତହସିଲ କାର୍ଯ୍ୟାଳୟରେ (ଛୁଟି ଦିନ ବ୍ୟତୀତ) ସମସ୍ତ ସରକାରୀ କାର୍ଯ୍ୟଦିବସରେ ଉପଲବ୍ଧ ହେବ ଏବଂ ଜିଲ୍ଲା ୱେବସାଇଟ www.mayurbhanj.nic.in ମାଧ୍ୟମରେ ମଧ୍ୟ ସମସ୍ତ ସୂଚନା ପାଇପାରିବେ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ । ଆବଶ୍ୟକୀୟ ଦସ୍ତାବିଜ ନଥିଲେ କିମ୍ବା କୌଣସି ତ୍ରୁଟି ପରିଲିକ୍ଷିତ ହେଲେ ଆବେଦନକାରୀଙ୍କ ଦରଖାସ୍ତକୁ ନିଲାମ ପ୍ରକ୍ରିୟାରୁ ବାଦ ଦିଆଯିବ ।

ପ୍ରକାଶ ଥାଉକି, କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବା, ପରିବର୍ତ୍ତନ କରିବା, ତ୍ରୁଟି ସଂଶୋଧନ କରିବା କିମ୍ବା କୌଣସି ଦରଖାସ୍ତକୁ ଖାରଜ କରିବାର କ୍ଷମତା ନିମ୍ନସ୍ୱାକ୍ଷରକାରୀଙ୍କର ରହିଅଛି ।

| କ୍ର. ନଂ. | ସଇରାତ ଉତ୍ସ୍ୟର ନାମ | ମୌଜାର ନାମ |
|---|---|---|
| ୧ | ଖସାକୁଦର-ଓରିଆମ ବାଲି ଖାଦାନ | ୧ - ଖସାକୁଦର |
| | | ୨ – ଓରିଆମ |

01/12/22

ତହସିଲଦାର, ଠାକୁରମୁଣ୍ଡା
ତହସିଲଦାର, ଠାକୁରମୁଣ୍ଡା